# ସି.ବି.ଆଇ, ସରକାର ଓ ଲ ଅଫିସର

**ଅରୁଣ ଜେଟଲୀ, ବିରୋଧୀ ଦଳର ନେତା, ରାଜ୍ୟସଭା ।**

ବର୍ତ୍ତମାନ କୋଇଲା ଖଣି ଆବଣ୍ଟନ ମାମଲାରେ ସି.ବି.ଆଇ ମାନ୍ୟବର ସୁପ୍ରିମ କୋର୍ଟରେ ରିପୋର୍ଟ ଦାଖଲ କରିବା ପୂର୍ବରୁ ଯେଉଁଭଳି ଭାବରେ ଆଇନ ମନ୍ତ୍ରୀ ଓ ପି.ଏମ.ଓ ଅଫିସର କାର୍ଯ୍ୟକର୍ତ୍ତାମାନେ ସି.ବି.ଆଇ କାର୍ଯ୍ୟ ପନ୍ଥାରେ ହସ୍ତକ୍ଷେପ କରିଛନ୍ତି, ତାହା ସମସ୍ତଙ୍କ ଦୃଷ୍ଟି ଗୋଚରକୁ ଆସିଅଛି । ଆଶ୍ଚର୍ଯ୍ୟକର ଘଟଣା ଏହିକି ଯେ, ଗତ କିଛି ବର୍ଷ ମଧ୍ୟରେ ସି.ବି.ଆଇ ର ନିୟନ୍ତ୍ରଣ ସରକାରଙ୍କଠାରୁ ଚାଲିଆସି ଶାସକ ଦଳର ସାଧାରଣ କାର୍ଯ୍ୟକର୍ତ୍ତାଙ୍କ ହାତକୁ ଆସିଯାଇଛି ।

ଦିଲ୍ଲୀ ସେସ୍ପାଲ ପୋଲିସ ଇଷ୍ଟାବ୍ଲିସମେଣ୍ଟ ଆକ୍ଟ, ୧୯୪୬ ଅନୁଯାୟୀ, କେନ୍ଦ୍ର ସରକାରର ଏକ ତଦନ୍ତକାରୀ ଶାଖା ଭାବରେ ସି.ବି.ଆଇ ସଂସ୍ଥା ଗଠିତ ହୋଇଅଛି । ଏହାର ମୁଖ୍ୟ କାର୍ଯ୍ୟ ହେଲା ଯେଉଁ ସରକାରୀ କାର୍ଯ୍ୟକର୍ତ୍ତାମାନେ ଭ୍ରଷ୍ଟାଚାରରେ ଲିପ୍ତ ସେମାନଙ୍କୁ ଦଣ୍ଡ ଦେବା । ମାତ୍ର ସି.ବି.ଆଇ କୁ  ଅବସର ପ୍ରାପ୍ତି ପରେ ମଧ୍ୟ  ସରକାରି ଚାକିରିରେ ପୁନଃ ନିଯୁକ୍ତି, ବଦଳି ଓ ନିଯୁକ୍ତି ଦେବାର ପ୍ରଲୋଭନ ଦେଖାଇ ତାହାର କର୍ଯ୍ୟ ପନ୍ଥାକୁ ନିରପେକ୍ଷ ଓ ସ୍ୱାଧୀନ କରିବାଠାରୁ ବଞ୍ଚିତ କରାଯାଉଅଛି । ଦେଶ ବ୍ୟାପି ଯେଉଁ ଭ୍ରଷ୍ଟାଚାର ବିରୋଧୀ ଆନ୍ଦୋଳନ କରାଯାଇଥିଲା, ସେଠାରେ ଏକ ନିରପେକ୍ଷ ଓ ଶକ୍ତ ଲୋକପାଳ ନିର୍ମାଣ ପାଇଁ ଦାବି କରାଯାଇଥିଲା ଏବଂ ସେଥିପାଇଁ ମୁଁ ତଥା ମୋର ସହକର୍ମୀ ଶ୍ରୀ ରାଜୀବ ପ୍ରତାପ ରୁଢ଼ୀ, ଓ ଶ୍ରୀ ଭୂପେନ୍ଦ୍ର ଯାଦବ ଆଦି ଲୋକପାଳ ବିଲର ସଂଶୋଧନ ପାଇଁ ରାଜ୍ୟସଭାର ବିବେଚନା କମିଟିରେ ଏକ ରିପୋର୍ଟ ଦାଖଲ କରିଥିଲୁ । ସେଥିରେ ରାଜନୈତିକ ହସ୍ତକ୍ଷେପ ଦ୍ୱାରା ସି.ବି.ଆଇ ସଂସ୍ଥାର ଯେଉଁ ବିଶ୍ୱସ୍ଥତା ନଷ୍ଟ ହୋଇଯାଇଛି ତାହାକୁ ଫେରାଇ ଆଣିବା ତଥା ଉକ୍ତ ସଂସ୍ଥାର ନିରପେକ୍ଷତା ରକ୍ଷା ଉଦ୍ଦେଶ୍ୟରେ କେତେକ ପରାମର୍ଶ ଦିଆଯାଇଥିଲା । ତାହା ହେଲା, ସି.ବି.ଆଇ ର ନିୟନ୍ତ୍ରଣ ପରସୋନେଲ ଓ ଜି.ଓ.ଆଇ ହାତରୁ ହଟାଯାଇ ଲୋକପାଳ ପାଖରେ ରହିବ । ଆମେମାନେ ନିମ୍ନୋକ୍ତ ପରାମର୍ଶ ଗୁଡ଼ିକ ଦେଇଥିଲୁ ।

-ସି.ବି.ଆଇ ରୁ ଦୁଇଟି ଶାଖା ରହିବ । ଯେଉଁଠି ଡ଼ାଇରେକ୍ଟର ମୁଖ୍ୟ ରହିବେ । ତାଙ୍କ ଅଧୀନରେ ଏକ ସ୍ୱତନ୍ତ୍ର କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ।

- ସି.ବି.ଆଇ ର ଦୁଇଟି ଶାଖା, ଯଥା, ତଦନ୍ତକାରୀ ଓ ଆଇନ ଗତ କାର୍ଯ୍ୟାନୁଷ୍ଠାନକାରୀ ସଂସ୍ଥା ନିରପେକ୍ଷ ଭାବରେ କାର୍ଯ୍ୟ କରିବେ ।

-ପ୍ରଧାନ ମନ୍ତ୍ରୀ, ବିରୋଧୀ ଦଳର ମୁଖ୍ୟ, ରାଜ୍ୟସଭା ଓ ଲୋକସଭା ଓ ଲୋକପାଳର ଚେୟାରମ୍ୟାନଙ୍କ ଦ୍ୱାରା ସି.ବି.ଆଇ ର ଡ଼ାଇରେକ୍ଟର ଓ ପ୍ରୋସିକ୍ୟୁସନର ଡ଼ାଇରେକ୍ଟର ନିଯୁକ୍ତ ହେବେ ।

- ଉଭୟ ଡ଼ାଇରେକ୍ଟରଙ୍କର ଏକ ନିର୍ଦ୍ଧିଷ୍ଟ କାର୍ଯ୍ୟକାଳ ରହିବ ।

-ଉଭୟ ଡ଼ାଇରେକ୍ଟରଙ୍କର ଅବସର ଗ୍ରହଣ ପରେ ସରକାରୀ ଚାକିରିରେ ପୁନଃନିଯୁକ୍ତିର ବ୍ୟବସ୍ଥା ରହିବ ନାହିଁ ।

- ଲୋକପାଳର କୌଣସି କେଶରେ ସି.ବି.ଆଇ ର କ୍ଷମତା, ପର୍ଯ୍ୟବେକ୍ଷଣ ଓ କାର୍ଯ୍ୟ ପନ୍ଥାର ଦିଗ ପ୍ରତ୍ୟେକ ଲୋକପାଳ ମଧ୍ୟରେ ହିଁ ସୀମିତ ରହିବ ।

- ଯଦି କୌଣସି ଅଫିସରଙ୍କୁ ତଦନ୍ତ ମଝିରୁ ବଦଳି କରାଯିବ, ତେବେ ସେଥିପାଇଁ ପ୍ରଥମେ ଲୋକପାଳଙ୍କଠାରୁ ଅନୁମୋଦନ ଅଣାଯିବ ।

-ସି.ବି.ଆଇକୁ ପରାମର୍ଶ ଦେବା ପାଇଁ ଯେଉଁ ଆଇବିତ୍ ମାନଙ୍କ ଗୋଷ୍ଠି ରହିବ, ତାହା ସରକାରଙ୍କ ପ୍ରତି ନିରପେକ୍ଷତା ଆଚରଣ କରିବ । ସେମାନେ ମଧ୍ୟ ପ୍ରୋସିକ୍ୟୁସନ ଡ଼ାଇରେକ୍ଟରଙ୍କ ଦ୍ୱାରା ଓ ଲୋକପାଳଙ୍କ ଅନୁମୋଦନ ଦ୍ୱାରା ହିଁ ନିଯୁକ୍ତ ହେବେ ।

ହେଲେ ବିବେଚନା କମିଟି ଆମର କେତେକ ମୁଖ୍ୟ ପରାମର୍ଶକୁ ଅଗ୍ରାହ୍ୟ  କରି ବାକି ଗୁଡ଼ିକ ଗ୍ରହଣ କରିଥିଲେ । ପୁନର୍ବାର କମିଟି ଦ୍ୱାରା ନିଆଯାଇଥିବା କେତୋଟି ପରାମର୍ଶ ଗୁଡ଼ିକ ହେଲା,

-ସି.ବି.ଆଇ ର ଜଣେ ଡ଼ାଇରେକ୍ଟରଙ୍କ ଅଧୀନରେ ପ୍ରୋସିକ୍ୟୁସନର ଜଣେ ସ୍ୱତନ୍ତ୍ର ଡ଼ାଇରେକ୍ଟର ରହିବେ ଏବଂ ସେ ସି.ବି.ଆଇ ର ଜଣେ ଡ଼ାଇରେକ୍ଟରଙ୍କ ଅଧୀନରେ କାର୍ଯ୍ୟ କରିବେ ।

- ପ୍ରଧାନ ମନ୍ତ୍ରୀ, ବିରୋଧୀ ଦଳର ନେତା ରାଜ୍ୟସଭା ଓ ଲୋକସଭା ଓ ଦେଶର ମୁଖ୍ୟ ବିଚାରପତିଙ୍କ ଦ୍ୱାରା ସେ ନିଯୁକ୍ତ ହେବେ ।

-ପ୍ରୋସିକ୍ୟୁସନର ଡ଼ାଇରେକ୍ଟର ସି.ଭି.ସି ଦ୍ୱାରା ନିଯୁକ୍ତ ହେବେ ।

-ଉଭୟ ଡ଼ାଇରେକ୍ଟରଙ୍କ କାର୍ଯ୍ୟକାଳ ସରକାରଙ୍କ ଦ୍ୱାରା ସ୍ଥିର କରାଯିବ ।

-ଯେକୌଣସି କେଶରେ ସି.ବି.ଆଇ ର କ୍ଷମତା ତଥା ନିରୀକ୍ଷଣ ଆଦି ଲୋକପାଳ ମଧ୍ୟରେ ହିଁ ସୀମିତ ରହିବ ।

-ଯେ କୌଣସି ତଦନ୍ତର ଅଧାରୁ କୌଣସି ଅଫିସରଙ୍କର ବଦଳି ଲୋକପାଳଙ୍କ ପରାମର୍ଶ ଓ ଅନୁମୋଦନ କ୍ରମେ କରାଯିବ ।

- ସି.ବି.ଆଇ କୁ ପରାମର୍ଶ ଦେବା ପାଇଁ ଯେଉଁ ଆଇନ ବିତ୍ତ ମାନଙ୍କ ଯେଉଁ ଗୋଷ୍ଠି ରହିବ ସେଥିରେ କୌଣସି ସରକାରୀ ଓକିଲ ରହିବେ ନାହିଁ ।

କ୍ୟାବିନେଟ ପୁନର୍ବାର ଉକ୍ତ ବିବେଚନା କମିଟିର ପରାମର୍ଶକୁ ଅଗ୍ରାହ୍ୟ କରିଥିଲା ଓ ଯେଉଁ ରିର୍ପୋଟ ଦେଇଥିଲା ସେଥିରେ ମଧ୍ୟ ତିନୋଟି ମୁଖ୍ୟ ସଂଶୋଧନ ଆଣିବା ଜରୁରୀ । ତାହା ହେଲା,

-କୌଣସି ସରକାରୀ ଚାକିରିଆଙ୍କ ବିରୋଧରେ ତଦନ୍ତ ହେବା ପୂର୍ବରୁ ଲୋକପାଳ ତରଫରୁ ତାଙ୍କୁ ପୂର୍ବରୁ କୌଣସି ନୋଟିଶ ଦିଆଯିବା ।

-ତଦନ୍ତର ମଝିରୁ କୌଣସି ତନଦନ୍ତକାରୀ ଅଫିସରଙ୍କ ବଦଳି ଲୋପାଳଙ୍କ ବିନା ଅନୁମୋଦନରେ କରାଯିବ ।

-ଅବସର ପ୍ରାପ୍ତି ପରେ ସି.ବି.ଆଇ ର ଡ଼ାଇରେକ୍ଟରଙ୍କ ସରକାରୀ ଚାକିରିରେ ପୁନଃ ନିଯୁକ୍ତି ବ୍ୟବସ୍ଥା ।

ଯଦି ଉପଯୁକ୍ତ ସମୟରେ ମୋର ତଥା ମୋ ସହକର୍ମୀଙ୍କର ପରାମର୍ଶକୁ ଗ୍ରହଣ କରାଯାଇଥାଆନ୍ତା ତେବେ ବର୍ତ୍ତମାନ ପରିସ୍ଥିତି ଭଳି ଅର୍ଟୋନୀ ଜେନେରାଲ ଓ ଅତିରିକ୍ତ ସଲିସିଟର ଜେନେରାଲଙ୍କ ମଧ୍ୟରେ ଯେଉଁଭଳି ନିମ୍ନ ଧରଣର ସଂଘର୍ଷ ସୃଷ୍ଟି ହେଲା ତାହା ଦେଖିବାକୁ ମିଳି ନଥାଆନ୍ତା । ଲ ଅଫିସର ଏପରି ଏକ ପଦବୀ ଯେକି ନୀତି ନିୟମ ପରିଚାଳନାରେ ଗୁରୁତ୍ତର ଭୂମିକା ଗ୍ରହଣ କରନ୍ତି । ମାତ୍ର ଆଜି ତାଙ୍କ କ୍ଷମତା ତଥା ପରିଚୟ ଧୀରେ ଧୀରେ କ୍ଷୟ ହେବାକୁ ଯାଉଅଛି । ସେ

ସାମ୍ବିଧାନିକ ପରାମର୍ଶ ଦାତା ନହୋଇ ଆଜି ସରକାରଙ୍କର ଏକ ଅଂଶ ବିଶେଷ ହୋଇ ଯାଇଛନ୍ତି । ଦେଶର ବହୁ ଲ ଅଫିସର ଉ.ପା ସରକାରଙ୍କ ଦ୍ୱାରା ନିଯୁକ୍ତ । ସେମାନେ ନିଜ ନିଜର ପଦବୀର ମର୍ଯ୍ୟଦା ମଧ୍ୟ ରଖୁ ନାହାନ୍ତି । ବହୁ ସ୍ଥାନରେ ସଚ୍ଚୋଟ ବ୍ୟକ୍ତିମାନେ ଚାକିରିରେ ରହିବା ଠାରୁ ଚାକିରି ତ୍ୟାଗ କରିବାକୁ ପସନ୍ଦ କରୁଛନ୍ତି । ତେଣୁ ଆଜି ଲ ଅଫିସରଙ୍କ ସ୍ୱାଧୀନତା, ନିରପେକ୍ଷତା ଓ ସି.ବି.ଆଇ ନେଇ ଏକ ଦ୍ୱନ୍ଦାତ୍ମକ ପରିସ୍ଥିତି ସୃଷ୍ଟି ହୋଇଅଛି । ଆଜି ଆମେ ଏପରି ସ୍ଥିତିରେ ଉପନୀତ ଯେ, ଯେଉଁଠି ଆଜି ସମସ୍ତ ସଂସ୍ଥାର ମହତ୍ୱ ମଧ୍ୟ ଲୁପ୍ତ ପ୍ରାୟ ଅବସ୍ଥାରେ । ଆମକୁ ପ୍ରଥମେ ତାହାର ପୁନଃ ନିର୍ମାଣ କରିବା ନିହାତି ଜରୁରି । ଯେଉଁଠାରେ ଏପରି ଆଇନବିତ୍ତ ମାନେ ରହିବେ କି ଯେଉଁମାନେ ପୂରାପୂରି ନିରପେକ୍ଷ ଭାବରେ ସରକାର ଓ ସି.ବି.ଆଇ କୁ ପରାମର୍ଶ ଦେଇ ପାରିବେ । ସେମାନେ ମଧ୍ୟ ଲୋକପାଳଙ୍କ ଅନୁମୋଦନ ଦ୍ୱାରା ପ୍ରୋସିକ୍ୟୁସନ ଡ଼ାଇରେକ୍ଟରଙ୍କ ଦ୍ୱାରା ନିଯୁକ୍ତ ହେବେ ।

ଅଧିକାଂଶ କ୍ଷେତ୍ରରେ ଯେଉଁଠି ସରକାର ବା ସରକାରୀ କର୍ମଚାରୀମାନେ ଦୋଷୀ ହୋଇଥିବେ ସେତେବେଳେ ସରକାର ପ୍ରୋସିକ୍ୟୁସନଙ୍କୁ ବାଛି ପାରିବେ ନାହିଁ । ଯେଣୁ ଉ.ପା ସରକାର ସମସ୍ତ ସଂସ୍ଥାର ମହତ୍ୱ ଓ ଲ ଅଫିସରଙ୍କ ମହତ୍ୱକୁ ନଷ୍ଟ କରିଦେଇଛନ୍ତି, ତେଣୁ ତାଙ୍କୁ ଏହି ବିଫଳ ସଂସ୍ଥା ପାଇଁ ଲଜ୍ଜା ଜନକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି । ସରକାର ଆପେକ୍ସ କୋର୍ଟରୁ ଯେଉଁଭଳି ଅଘାତ ପାଇଲେ ତାହା ମଧ୍ୟ ସ୍ୱଭାବିକ । ହେଲେ ପ୍ରକୃତ ଦୋଷୀକୁ ସେଥିପାଇଁ କୈଫତ ଦେବାକୁ ହେବ । ସରକାରଙ୍କୁ ନଜର ଦାୟିତ୍ୱ ବୋଧତା ଓ କର୍ତ୍ତବ୍ୟ ବୋଧତାକୁ ଦର୍ଶାଇବାକୁ ହେବ ଓ ଆମ୍ଭେମାନେ ବିବେଚନା କମିଟିକୁ ଦେଇଥିବା ପରାମର୍ଶକୁ ମଧ୍ୟ ଗ୍ରହଣ କରିବାକୁ ହେବ ।